# Akashvani, Sambalpur

## SAMBALPURI NEWS BULLETIN

### 14 June 2025- 6.47- 6.52 am.

*********************************************

ଯୋଗ ସଂଗମ୍ ଆର୍‌ଏନ୍‌ୟୁ/ କଟକ୍

ଗୁଟେ ପୁର୍‌ଥି ଆଉ ଗୁଟେ ସ୍ୱାସ୍ଥ୍ୟ ଲାଗି ଯୋଗ ବାର୍ତା ନେଇକରି ଆଏଜ୍ ଆୟୁଷ୍ ମନ୍ତ୍ରଣାଲୟ ତର୍‌ଫୁ ନୂଆଦିଲ୍ଲୀ ଠାନେ ବିଶ୍ୱ ଯୋଗ ସମ୍ମିଲନୀ- ଯୋଗ ସଂଗମ୍‌ର ଆୟୋଜନ୍ କରାଯାଇଛେ । ୧୧ ତମ ଅନ୍ତର୍ଜାତୀୟ ଯୋଗ ଦିବସ୍ ପାଳନ୍ ଲାଗି ଇ ସମ୍ମିଲନୀଥି ୧ ହଜାର୍‌ନୁ ଅଏତ୍‌କା ଲୋକ୍ ଭାଗ୍ ନେଇଛନ୍ । ସମ୍ମିଲନୀଥି ବହୁତ୍‌ଟେ ଦେଶର୍ ଯୋଗ ବିଶେଷଜ୍ଞମାନେ ଭିଲ୍ ଭାଗ୍ ନେଇଛନ୍ । ସମ୍ମଲନୀଥି ଯୋଗ ବାବ୍‌ଦେ ଅଧିବେଶନ୍ ମାନ୍‌କର୍ ଆୟୋଜନ୍ କରାଯାଇଛେ ।

ଆଧାର୍ ବାଧ୍ୟତାମୂଲକ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଏତ୍‌କର ଭିନ୍ ଭିନ୍ ପ୍ରକାରର୍ ସର୍‌କାରୀ ସୁବିଧା ପାଏବାର୍ ଲାଗି ଆଧାର୍‌କେ ବାଧ୍ୟତାମୂଲକ୍ କରାଯିବା ବଲି ରାଜସ୍ୱ ଆଉ

ବିପର୍ଯ୍ୟୟ ପରିଚାଲନା ବିଭାଗ୍ ତର୍ଫୁ କୁହାଯାଇଛେ । ଜାତି, ଆୟ, ଆଇନ୍‌ଗତ ଉତରାଧିକାରୀ ପ୍ରମାଣ୍‌ପତ୍ର, ଜମିଜମା ରେକର୍ଡ୍, ଆଉ ପଞ୍ଜିକରଣ୍ ଲାଗି ଆଧାର୍ ନମ୍ବର୍ ଦେବାର୍‌ଲାଗି ପଡ଼୍‌ବା । ସର୍କାର୍‌ଙ୍କର୍ ଯୋଜ୍‌ନା ମାନ୍‌କର୍ ସବ୍‌ସିଡି ଆଉ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର୍‌ର ସୁବିଧାର୍ ଲାଗି ହିତାଧିକାରୀମାନ୍‌କର୍ ଲାଗି ଭିଲ୍ ଆଧାର୍‌କେ ବାଧ୍ୟତାମୂଳକ୍ କରାଯାଇଛେ ।

ଓଡ଼ିଶାର୍ ଦରବ୍- ବିଦେଶ୍ ରପ୍ତାନୀ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଜାତୀୟ ସମବାୟ ରପ୍ତାନୀ ଲିମିଟେଡ୍ - ଏନ୍.ସି.ଇ.ଏଲ୍ ଏତ୍‌କର ଓଡ଼ିଶାର୍ ଦରବ୍‌କେ ବିଦେଶ୍‌କେ ରପ୍ତାନୀ କର୍‌ବା । ଇ ବାବ୍‌ଦେ ମାର୍କଫେଡ୍ ଓଡ଼ିଶା ସହେତେ ଏନ୍.ସି.ଇ.ଏଲ ଆଉ ଭାରତୀୟ ବୀଜ ସହକାରୀ ସମିତି ଲିମିଟେଡ୍‌ର ବୁଝାମଣାପତ୍ର ସ୍ୱାକ୍ଷରିତ୍ ହେଇଛେ । ପହେଲା ଖେପେ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, କନ୍ଧମାଲ୍, କୋରାପୁଟ୍, ନବରଙ୍ଗ୍‌ପୁର୍ ଆଉ ଖୋର୍ଦ୍ଧା ଜିଲ୍ଲାନୁ କଫି, ତେତେଲ୍, ମକା, ଅଦା, ମିର୍ଚ୍ଚି, ଲିଚୁ ଆଉ କାଜୁକେ ଏନ୍.ସି.ଇ.ଏଲ ବିଦେଶ୍‌କେ ରପ୍ତାନୀ କର୍‌ବା ।

ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ପ୍ରକୋଷ୍ଠ ନ ଆଏବା ସୋମ୍‌ବାର୍ ଦିନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଅଭିଯୋଗ୍ ଶୁଣାଣି ତାରିଖ୍ ଜନସାଧାରଣ୍‌ଙ୍କୁ ଗଣମାଧ୍ୟମ୍ ଜରିଏ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତରଫୁ ସୂଚ୍‌ନା ଦିଆଯାଇଛେ ।

ପୁରୀ ରେଲ୍‌ଷ୍ଟେସନ୍-ଆତଙ୍କ ନିରୋଧୀ ମକ୍‌ଡ୍ରିଲ୍     ପୁରୀ

ଇ ବଛର୍ ରଥଯାତ୍ରାକେ ଶୃଙ୍ଖଳିତ୍ ଭାବେ କର୍‌ବାର୍ ଲାଗି ପୁରୀ ରେଲ୍‌ଷ୍ଟେସନ୍ ନ ଆତଙ୍କବାଦୀ ନିରୋଧୀ ମକ୍‌ଡ୍ରିଲ୍ କରାଯାଇଛେ । ଆର୍.ପି.ଏଫ୍., ଜି.ଆର୍.ପି., ସ୍ପେଶାଲ୍ କମାଣ୍ଡୋ, ଏସ୍.ଓ.ଜି., ଅଗ୍ନିଶମ ବାହିନୀ, ଓଡ୍ରାଫ୍, ଜିଲ୍ଲା ପୁଲିସ୍ ସହେତେ ୧୧ ଟା ଟିମ୍‌ର ମିଲିତ୍ ସହଯୋଗ୍‌ଥି ଇ ମକ୍‌ଡ୍ରିଲ୍ କରାଯାଇଛେ ।

ସ୍ନାତକୋତର୍ ନାଁଲେଖା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ସ୍ନାତକୋତର୍‌ଥି ନାଁଲେଖା ଲାଗି ପହେଲା ଖେପ୍ ସିଟ୍ ଆବଂଟନ୍ ଗଲାକାଏଲ୍ ହେଇଛେ । ଆଏବା ୧୬ ନୁ ୧୮ ତାରିଖ୍‌ତକ୍ ଇଥିର୍‌ଲାଗି

ନାଁଲେଖା ହେବା । ୨ ନମ୍ବର୍ ଖେପ୍ ନାଁ ଲେଖା ଲାଗି ୨୩ ତାରିଖ୍ ସିଟ୍ ଆବଂଟନ୍ ତାଲିକା ବାହାରିବା ଆଉ ଇଥିର୍‌ଲାଗି ନାଁଲେଖା ୨୪ ନୁ ୨୬ ତାରିଖ୍ ଭିତ୍‌ରେ ହେବା । ଜୁଲାଇ ୧୦ ତାରିଖ୍‌ନୁ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବିଏଡ୍ ପରୀକ୍ଷାଫଲ ଆର୍‌ଏନ୍‌ୟୁ/ ସମ୍ବଲପୁର

ଶିକ୍ଷକ୍, ଶିକ୍ଷା- ବିଏଡ୍ ନାଁଲେଖା ପ୍ରବେଶିକା ପରୀକ୍ଷାର୍ ଫଲ୍ ଗଲାକାଏଲ୍ ବାହାରିଛେ । ରାଏଜେ ୨ ହଜାର୍ ୭ ଶହ ୫୦ ଟା ସିଟ୍‌ଥି ନାଁଲେଖା ହେବା । ଜୁନ୍ ୧୯ ତାରିଖ୍‌ତକ୍ ପରୀକ୍ଷାର୍ଥୀମାନେ ନିଜର୍ ପସନ୍ଦ୍‌ର କଲେଜ୍‌କେ ବାଛିପାର୍‌ବେ । ୨୫ ତାରିଖ୍ ପହେଲା ଖେପେ୍ ନାଁଲେଖା ଲାଗି ସିଟ୍ ଆବଂଟନ୍ କରାହେବା । ଇଥି ବଛା ହେଇଥିବା ଶିକ୍ଷାର୍ଥୀ ୨୫ ନୁ ଜୁଲାଇ ୧ ତାରିଖ୍‌ତକ୍ ନାଁ ଲେଖେଇପାର୍‌ବେ । ଗଲାକାଏଲ୍ ବାହାରିଥିବା ବିଏଡ୍ ପରୀକ୍ଷାଫଲକେ ଶିକ୍ଷାର୍ଥୀମାନେ samsodisha.gov.in ପୋର୍ଟାଲ୍ ଜରିଏ ଦେଖିପାର୍‌ବେ ।

ରେଢ଼ାଖୋଲ୍-କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନା/ଆର୍‌ଏନ୍‌ୟୁ/ସମ୍ବଲପୁର

ରେଢ଼ାଖୋଲ୍ ଠାନେ କେନ୍ଦ୍ରୀୟ ବିଦ୍ୟାଳୟ ଥାପ୍‌ନା ଲାଗି ଗଲାକାଏଲ୍ ବିଭାଗ୍‌ର ଗୁଟେ କେନ୍ଦ୍ରୀୟ ଦଲ୍ ରେଢ଼ାଖୋଲ୍ ଗସ୍ତଥି ଆସିକରି ଜାଗା ଚିହ୍ନଟ୍ କର୍‌ବାର୍ ସହେତେ ଅସ୍ଥାୟୀ କେମ୍ପସ୍ ପରିଦର୍ଶନ କରିଛନ୍ । ଅସ୍ଥାୟୀ କେମ୍ପସ୍ ଲାଗି ଭୀମଭୋଇ କଲେଜ୍ ନ ଖାଲି ପଡ଼ିଥିବା ୧୫ ଟା ଶ୍ରେଣୀଗୃହକେ ଦଲ୍ ପରିଦର୍ଶନ୍ କରିଛନ୍ ।

ଯୋଗ କର୍ମଶାଳା ଆର୍‌ଏନ୍‌ୟୁ/ ସମ୍ବଲପୁର

ପୂର୍ବତଟ ରେଲ୍‌ପଥ୍ ସମ୍ବଲ୍‌ପୁର୍ ମଣ୍ଡଲ୍ ତର୍‌ଫୁ ଗୁଟେ ଯୋଗ କର୍ମଶାଳା ହେଇଯାଇଛେ । ରେଲ୍ ମଣ୍ଡଲ୍ ମହାପ୍ରବନ୍ଧକ୍ ସୁବାସ ଚନ୍ଦ୍ର ଚୌଧୁରୀ ଇଥି ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇକରି ଶାରୀରିକ୍ ଆଉ ମାନସିକ ସ୍ୱାସ୍ଥ୍ୟ ଉପ୍‌ରେ ଯୋଗର ସକାରାତ୍ମକ ପ୍ରଭାବ୍ ବାବ୍‌ଦେ କହିଥିଲେ ।

ରଜ ଆର୍‌ଏନ୍‌ୟୁ ସମ୍ବଲପୁର୍

ରାଏଜେ ଆଏଜ୍‌ଠାନୁ ୩ ଦିନିଆ କୃଷିଭିତିକ ରଜ ପର୍ବ ପାଲନ୍ ମୁଲ୍ ହେଇଛେ । ଆଏବାକାଏଲ୍ ରଜ ସଂକ୍ରାନ୍ତି ଆର୍ ତାର୍ ଆରଦିନ ଭୂମିଦହନ ପାଲନ୍ ହେବା । ଆଷାଢ଼ ମାସ୍ ମୁଲ୍ ନୁ ମୌସୁମୀ ଆଏସି । ଶୁଖା ଭୂଇଁ ନ ବର୍ଷା ପାଏନ୍ ପଡ଼୍‌ବାର୍ ଉତ୍‌ରୁ ମାଏଟ୍‌ର ପ୍ରଜନନ ଶକ୍ତି

ବଡ଼୍‌ସି । ସେଥିର୍‌ଲାଗି ଇ ତିନ୍‌ହି ଦିନ ଜମି ଚାଷ୍ ଆର୍ ଅଲ୍‌ଗା ଚାଷ୍ କାମ୍ ନାଇଁ କରାଯାଏ । ପରମ୍ପରା ଅନ୍‌ସାରେ ଇ ତିନ୍‌ହି ଦିନ ବିଶ୍ରାମ ଆର୍ ମନୋରଞ୍ଜନ୍‌ର ସମିଆ ହେଇଥିବାର୍‌ନୁ ପୋଡ଼ପିଠା, ଖିଲିପାନ ସାଙ୍ଗେ ଦୁଲି ଖେଲ୍‌ବାର୍ ଆର୍ ଦୁଲି ଗୀତ ରଜ ପର୍ବର ମୁଖ୍ୟ ଆକର୍ଷଣ୍ ହେସି । ରଜ ପର୍ବ ଉତ୍‌ରୁ ୪ ନମ୍ବର୍ ଦିନ ବସୁମତୀ ସ୍ନାନ କରାଯିବାର୍ ସହେତେ ରଜ ପର୍ବ ଶେଷ୍ ହେସି ।

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ରଜ ପର୍ବ ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ବିଶ୍ୱ ରକ୍ତଦାତା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ରକ୍ତଦାତା ଦିବସ୍ । ରକ୍ତର୍ ମହତ୍ୱ ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନେ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରାଯାଉଛେ । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ୍ ଆର୍ ଆନ୍ତର୍ଜାତୀୟ ରେଡ଼କ୍ରସ୍ ସଂସ୍ଥା ୨୦୦୫ ମସିହାନୁ ବିଶ୍ୱ ରକ୍ତଦାତା ଦିବସ୍ ପାଲନ୍ କରୁଛେ । ରକ୍ତ ଗ୍ରୁପ୍‌ର ଉଦ୍ଭାବନ କରିଥିବା ଡାକ୍ତର୍ ଲ୍ୟାଣ୍ଡଷ୍ଟେନର୍‌ଙ୍କର୍ ସ୍ମୃତିଥି ତାଙ୍କର୍ ଜନମ୍ ଦିନ୍‌କେ ଇ ଦିବସ୍ ଭାବେ ପାଲନ୍ କରାଯାଉଛେ । ଇ ବଛର୍‌ର ବାର୍ତା ହେଉଛେ “ରକ୍ତଦାନ୍ କରୁନ୍, ଅମୂଲ୍ୟ ଜୀବନ୍ ବଁଚଉନ୍” ।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଝାରସୁଗୁଡ଼ା ସମ୍ବାଦଦାତା

ଝାର୍‌ସୁଗୁଡ଼ା ଜିଲ୍ଲା ନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ଲାଗି ଗୁଟେ ପ୍ରସ୍ତୁତି ବୈଠକ୍ ଅତିରିକ୍ତ ଜିଲ୍ଲାପାଲ୍ କିଶୋର୍ ଚନ୍ଦ୍ର ସ୍ୱାଇଁଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କର୍ ନିର୍ଦ୍ଦେଶ୍‌ଥି ହେଇଥିବା ବୈଠକ୍‌ଥି ଜିଲ୍ଲା ନ ଆଏବା ବର୍ଷାଦିନେ ସମ୍ଭାବ୍ୟ ବନ୍ୟା ଥିତି ସମିଆଥି ଧନଜୀବନ୍ ରକ୍ଷା ବାବ୍‌ଦେ ଆଲୋଚନା ହେଇଥିଲା ।

ଅନୀମେଷ୍ କୁଜୁର୍ -ବ୍ରୋଂଚ୍ ପଦକ I&PR

ଦକ୍ଷିଣ୍ କୋରିଆ ନ ହେଇଥିବା ଏସିଆନ୍ ଏଥଲେଟିକ୍ ଚମ୍ପିଆନ୍‌ସିପ୍‌ଥି ଧାବକ ଅନୀମେଷ୍ କୁଜୁର୍ ୨ ଶହ ମିଟର୍ ଦୌଡ଼ ବର୍ଗଥି ବ୍ରୋଂଚ୍ ପଦକ୍ ଜିତିଥିଲେ । ଭୁବ୍‌ନେଶ୍ୱର୍ ଫିର୍‌ଲା ଉତ୍‌ରୁ ରାଜ୍ୟ କ୍ରୀଡ଼ା ଆଉ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ତାଙ୍କୁ ସମ୍ବର୍ଦ୍ଧିତ୍ କରିଛନ୍ । ଇ ଅବ୍‌ସରେ ଅନିମେଷ୍‌ଙ୍କୁ ଅଢ଼େଇ ଲାଖ୍ ଟଙ୍କାର୍ ପୁରସ୍କାର୍ ରାଶି ଦିଆଯାଇଛେ ।